# ବ୍ୟାଙ୍କ ସମୂହର ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

## District level advisory Committe meeting of Banks.

## ଝଡ ବାତ୍ୟା ଫନିରେ ପ୍ରଭାବିତଙ୍କୁ ବ୍ୟାଂକ ଋଣ ପ୍ରଦାନ ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୨୯.୫: ଜିଲ୍ଲାରେ ଥିବା ବିଭିନ୍ନ ବ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଗତକାଲି ପୂର୍ବାହ୍ନରେ ଜିଲ୍ଲାପଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଯାଇଛି । ଏହି ବୈଠକରେ ମୁଖ୍ୟତଃ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ନାବାର୍ଡ ଦ୍ୱାରା ଆକଳନ କରାଯାଇଥିବା ଋଣ ଯୋଜନା ଭିତ୍ତିରେ ୨୩୨୬.୫୦ କୋଟି ଟଂକାର ସଂଶୋଧିତ ବାର୍ଷିକ ଋଣ ଯୋଜନାକୁ ଅନୁମୋଦନ କରାଯାଇଥିଲା । ବାତ୍ୟା ପ୍ରପିଡିତ ଚାଷୀ ଏବଂ ଶିଳ୍ପଦ୍ୟୋଗୀମାନଂକ ପାଇଁ ନୂତନ ଋଣ ପ୍ରଦାନ ଏବଂ ପୁରାତନ ନିୟମିତ ଋଣର ପୁନଃ ସରଳିକରଣ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ବ୍ୟାଂକ ଖାତାଧାରୀଂକ ପାଇଁ ୧୦ ହଜାର ଟଂକା ପର୍ଯ୍ୟନ୍ତ ବିନା ବନ୍ଧକରେ ଖାଉଟି ଋଣ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକୁ ଆସନ୍ତା ୩ ମାସ ମଧ୍ୟରେ ଶେଷ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଝଡ ବାତ୍ୟା ଫନିରେ ପ୍ରଭାବିତ ହୋଇଥିବା ଅନୁଗୋଳ,ଛେଣ୍ଡିପଦା,ବଣ୍ଟରପାଳ,କଣିହାଁ ଓ ପାଲଲହଡାର ଚାଷୀ ଏବଂ ଶିଳ୍ପଦ୍ୟୋଗୀମାନଂକ ପାଇଁ ରିଜର୍ଭ ବ୍ୟାଂକର ମୁଖ୍ୟ ନିର୍ଦ୍ଦେଶକୁ ଅନୁସରଣ କରାଯାଇ ସେମାନଂକୁ ନୂତନ ଋଣ ପ୍ରଦାନ କରାଯିବା ସହ ପୁରାତନ ଋଣକୁ ନିୟମିତ କରାଯିବ । ବୈଠକରେ ଅନୁମୋଦିତ ହୋଇଥିବା ସଂଶୋଧିତ ବାର୍ଷିକ ଋଣ ଯୋଜନାରେ କୃଷି,ଶିଳ୍ପ,ଗୃହ,ଶିକ୍ଷା ଏବଂ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଜିଲ୍ଲାର ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ବଣ୍ଟନ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ଅଗ୍ରଣୀ ବ୍ୟାଂକ ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ ପ୍ରକାଶ କରିଥିଲେ । ଏହାଛଡା ଏହି ବୈଠକରେ ବିଭିନ୍ନ ବ୍ୟାଂକ ଦ୍ୱାରା ମିଶନଶକ୍ତି ଗୁଡିକୁ ଦିଆଯାଉଥିବା ଋଣ ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ,ୟୁକୋ ବ୍ୟାଂକର ଆଂଚଳିକ ଉପ ପ୍ରବନ୍ଧକ ଶ୍ରୀ ଭାସ୍କର ଚନ୍ଦ୍ର ରାଉତ ଓ ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଶ୍ରୀ ଶରତ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ୟାଂକର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ ।


Succession List Of
District Magistrate & Collectors
Angul(Odisha)
NAME
PERIOD

